# ବିଜ୍ଞାନ ବିନା ଦେଶର ବିକାଶ ଅସମ୍ଭବ



ଜଟଣୀ,୨୮।୨(ନି.ପ୍ର): ବିଜ୍ଞାନ ବିନା ଦେଶରେ ବିକାଶ ଅସମ୍ଭବ ବୋଲି ଗୁରୁବାର ପୂର୍ବାହ୍ଣରେ ଅନୁଗୁଳସ୍ଥିତ ଆଇଆଇଟି କ୍ୟାମ୍ପସ୍‌ରେ କମ୍ୟୁନିଟି ହଲ୍‌ରେ ଆଇଆଇଟି ପକ୍ଷରୁ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଇସ୍ରୋର ସିବିପିଓ ନିର୍ଦ୍ଦେଶକ ବୈଜ୍ଞାନିକ ଡ଼.ପି.ଭି.ଭେଙ୍କଟକ୍ରିଷ୍ଣାନ ମତବ୍ୟକ୍ତ କରିଛନ୍ତି। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଜ୍ଞାନିକ ଭେଙ୍କଟକ୍ରିଷ୍ଣାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ ବିଜ୍ଞାନ ବିନା ଦେଶର ବିକାଶ ହୋଇପାରିବନାହିଁ। ବିଜ୍ଞାନର ବିକାଶ ପାଇଁ ଆମ, ପାଖରେ ସମସ୍ତ ଜିନିଷ ଅଛି। କିନ୍ତୁ ଏହାକୁ ଆମେ ଉପଯୋଗ କରି ପାରୁନାହୁଁ। ବିଜ୍ଞାନର ବିକାଶ ଉପରେ ଆମେ ବିଦେଶ ଉପରେ ନିର୍ଭର କରୁଛୁ। ଅନ୍ୟମାନେ ମିସାଇଲ ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଆଗୁଆ ଥିବାବେଳେ ଆମ ଦେଶ ମହାକାଶ ଗବେଷଣା ଓ ସାଟେଲାଇଟ ସଂଯୋଗ କ୍ଷେତ୍ରରେ ଆଗୁଆ ରହିଛି। ଫଳରେ ବିଶ୍ୱରେ ଇଣ୍ଟରନେଟ ଯୋଗାଯୋଗ ଏବଂ ପାଣିପାଗ ସୂଚନା ଓ କୃଷି କ୍ଷେତ୍ରରେ ଭାରତ ୩ ନମ୍ବର ସ୍ଥାନରେ ରହିଛି। ଦେଶର ଜ୍ଞାନକୌଶଳ ବ୍ୟବହାର କରି ବିଜ୍ଞାନର ବିକାଶ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଡ଼ିନ୍ ପ୍ରଫେସର ପି.ଆର.ସାହୁ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଜ୍ଞାନ ଭିତ୍ତିକ ପୋଷ୍ଟର ପ୍ରଦର୍ଶନରେ ଭାଗ ନେଇ ସଫଳତା ହାସଲ କରିଥିବା ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଇଆଇଟିର ରେଜିଷ୍ଟ୍ରାର ଦେବରାଜ ରଥ, ଡ଼ିନ୍ ଡ଼.ଆର.କେ.ପଣ୍ଡା, ପ୍ରଫେସର ପିଡ଼ିରେଡ଼ି, ଆଇଆଇଟିର ସହକାରୀ ରେଜିଷ୍ଟ୍ରାର ପି.କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆଇଆଇଟିର ନୂତନ ଲୋକ ସମ୍ପର୍କ ଅଧିକାରୀ ଏସ.ଶାଳିନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।